भाकृअनुप - केंद्रीय चावल अनुसंधान संस्थान

**ଭା.କୃ.ଅନୁ.ପ.-କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ-୭୫୩୦୦୬**

**(An ISO 9001: 2015 Certified Institute)**

# କୃଷି ସୂଚନା ସେବା (ଧାନ)

## ୨୦୨୫ ମସିହା ଡିସେମ୍ବର ମାସ ପ୍ରଥମ ପକ୍ଷ ପାଇଁ କାର୍ଯ୍ୟପନ୍ଥା

❖ କ୍ଷେତରେ ଶତକଡା ୮୦-୮୫ ଭାଗ ଧାନ କେଣ୍ଡାରେ ପାଚିଗଲା ପରେ ଧାନକୁ ଦାଆ କିମ୍ବା କମ୍ବାଇନ୍ ହାର୍ଭେଷ୍ଟର କିମ୍ବା ରିପର ଦ୍ୱାରା କାଟି ଅମଳ କରିଦିଅନ୍ତୁ । ଅମଳ ପରେ ଧାନକୁ ଭଲଭାବେ ଖରାରେ ଶୁଖାଇ ବିହନ ପାଇଁ ୧୨ ଶତକଡ଼ା ଆର୍ଦ୍ରତା ଓ ଖାଦ୍ୟ ଉପଯୋଗୀ ପାଇଁ ୧୪ ଶତକଡ଼ା ଆର୍ଦ୍ରତାରେ ସାଇତି ରଖନ୍ତୁ ।

❖ ଅମଳ କରିଥିବା ଧାନ କିସମ ଅନୁସାରେ ଅଲଗା ଅଲଗା କରି ବଜାରରେ ମିଳୁଥିବା ସୁପରଗ୍ରେନ୍ ବସ୍ତାରେ ଭର୍ତି କରି ସୁରକ୍ଷିତ ଜାଗାରେ ଭଲଭାବେ ଘୋଡେଇ ରଖନ୍ତୁ ଯେପରିକି ବର୍ଷାଦ୍ୱାରା କିଛି କ୍ଷତି ନ ହୁଏ ।

❖ ଧାନ ସାଇତି ରଖିଥିବା ବସ୍ତା ବା କୋଠାରୀରେ ପୋକ ଦେଖାଦେଲେ ଆଲୁମିନିୟମ୍ ଫସ୍‌ଫାଇଡ୍ ଟାବ୍‌ଲେଟ୍ ଏକ ଟନ୍ ଧାନ ପିଛା ୩ଟି ଟାବ୍‌ଲେଟ୍ (ସମୁଦାୟ ୯ ଗ୍ରାମ୍ ଟାବ୍‌ଲେଟ୍) କନାରେ ଗୁଡାଇ ରଖନ୍ତୁ । ଏହା ଉପରେ ଭଲଭାବେ ତାରପୋଲିନ୍ ଘୋଡାଇ ଦିଅନ୍ତୁ ଯେପରିକି କିଛି ଫାଙ୍କାଜାଗା ନ ରୁହେ । ଯଦି କୋଠରୀର ସନ୍ଧି ଜାଗା କିମ୍ବା କବାଟ ତଳ ଫାଙ୍କ ଜାଗା ଥାଏ ତେବେ କାଦୁଅ କିମ୍ବା ସେଲୋଟେପ୍ ଦେଇ ଭଲରେ ବନ୍ଦ କରନ୍ତୁ, ଯେପରିକି ବାଷ୍ପ ବାହାରକୁ ନ ଆସେ । ଏହିପରି ୭ ରୁ ୧୦ ଦିନ ପର୍ଯ୍ୟନ୍ତ କୋଠାରୀ ବା ବସ୍ତାର ମୁହଁ ଭଲଭାବରେ ବନ୍ଦ ରଖନ୍ତୁ । ଲୋକ ଚଳପ୍ରଚଳ କରୁଥିବା ଜାଗାରେ ଏଭଳି ଔଷଧ ପ୍ରୟୋଗ କରନ୍ତୁ ନାହିଁ ।

❖ ଯଦି କେଣ୍ଡାକଟା ସଁବାଳୁଆ ପୋକ ଦେଖାଯାଏ, ତେବେ ଏକର ପ୍ରତି ୪୦୦ ମି.ଲି. କୁଇନାଲଫସ୍ ୨୫ ଇ.ସି. କିମ୍ବା ୫୦୦ ମି.ଲି. କ୍ଲୋରୋପାଇରିଫସ୍ ୨୦ ଇ.ସି. ଧାନ ବୁଦା ମୂଳରେ ସକାଳ ସମୟରେ ସିଂଚନ କରନ୍ତୁ ।

❖ ଧାନ ଅମଳ ସମୟରେ ମୂଷା ମଧ କ୍ଷତି ଘଟାଇପାରେ । ମୂଷାକୁ ନିୟନ୍ତ୍ରଣ କରିବା ପାଇଁ ମୂଷା ଗାତକୁ ଚିହ୍ନଟ କରି ତା ଉପରେ କାଦୁଅ ଲିପି ଗାତ ବନ୍ଦ କରିଦିଅନ୍ତୁ । ତା ପରଦିନ ଯେଉଁ ଗାତ ମୁହଁ ଖୋଲାଥିବ ସେ ଗାତରେ ଆଲୁମିନିୟମ୍ ଫସ୍‌ଫାଇଡ୍ ୬% ବଟିକା (ଗୋଟେ ବଟିକା ୧୨ ଗ୍ରାମ) କନାରେ ବାନ୍ଧି ଗାତପିଛା ଗୋଟିଏ ରଖି ଗାତମୁହଁକୁ କାଦୁଅରେ ବନ୍ଦ କରିଦିଅନ୍ତୁ ।

❖ ଜଳସେଚିତ ମଧ୍ୟମ କିମ୍ବା ସ୍ୱଳ୍ପ ଖାଲୁଆ ଜମିରେ ମୁଗ, ଝୁଡଙ୍ଗ ଇତ୍ୟାଦି କମ୍ ଦିନିଆ ରବି ଫସଲ ହିସାବରେ ଚାଷ କରନ୍ତୁ । ଆବଶ୍ୟକତା ଅନୁଯାୟୀ ୧ ରୁ ୨ ଥର ଜଳସେଚନ କରନ୍ତୁ ।

❖ ବର୍ଷାଶ୍ରୀତ ସ୍ୱଳ୍ପ ଖାଲୁଆ ଜମି ଯେଉଁଠାରେ ଜଳସେଚନର ସୁବିଧା ନାହିଁ, ବିଭିନ୍ନ ଫସଲ ଯଥା  ଖେସାରୀ, ମଟର ଏବଂ ପେସି ଇତ୍ୟାଦି ପାଇରା ଫସଲ ହିସାବରେ ମାଟିର ବତର ଦେଖି ଧାନ କାଟିବାର ୧୦- ୧୫ ଦିନ ପୂର୍ବରୁ ବୁଣନ୍ତୁ ।

❖ ଡାଲୁଅ ଧାନ କରିବା ପାଇଁ ଅଧିକ ଅମଳକ୍ଷମ ଧାନ କିସମ ଯଥା ସି.ଆର.ଧାନ  ୬୦୧, ଉନ୍ନତ  ଲଲାଟ, ନବୀନ, ଶତାବ୍ଦୀ, ସି.ଆର.ଧାନ ୨୦୩, ସି.ଆର.ଧାନ ୨୦୫, ସି.ଆର.ଧାନ ୨୦୬, ସି.ଆର.ଧାନ ୨୦୯, ସି.ଆର.ଧାନ  ୨୧୦ , ସି.ଆର.ଧାନ ୨୧୧, ସି.ଆର.ଧାନ ୨୧୨,  ସି.ଆର.ଧାନ  ୩୧୦, ସି.ଆର.ଧାନ ୩୧୧, ସି.ଆର.ଧାନ ୩୧୨, ସି.ଆର.ଧାନ ୩୧୪, ସି.ଆର.ଧାନ ୩୧୫, ସି.ଆର.ଧାନ ୩୨୧, ସି.ଆର.ଧାନ ୩୨୪ , ସି.ଆର.ଧାନ ୩୨୬ , ସି.ଆର.ଧାନ ୩୨୯, ସି.ଆର.ଧାନ ୮୦୫, ସି.ଆର.ଧାନ ୮୦୭, ଲୁଣାସଂଖୀ (ଲୁଣା ଜମି ପାଇଁ) ବ୍ୟବହାର କରନ୍ତୁ । କାଦୁଆ ବୁଣା ଧାନ ପାଇଁ ନବୀନ, ଶତାବ୍ଦୀ, ଉନ୍ନତ ଲଲାଟ ଏବଂ ସି.ଆର.ଧାନ ୨୦୩ ଇତ୍ୟାଦି ଧାନ କିସମ ବ୍ୟବହାର କରନ୍ତୁ । ଡାଲୁଅ ଧାନ ଚାଷ ନିମନ୍ତେ ତଳିଘେରା ପ୍ରସ୍ତୁତ କରନ୍ତୁ ।

*****